ଧରିତ୍ରୀ
DHARITRI
ଗୁରୁବାର, ୧୦ ମାର୍ଚ୍ଚ, ୨୦୨୨

## ୨ ଟ୍ରକ୍‌କୁ ୫୦ ହଜାର ଜରିମାନା

କୁଆମରା, (ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ପୁରୁଣା ବାରିପଦାଠାରେ ବେଆଇନ ଭାବେ ପଥର ବୋଝେଇ କରି ନେଉଥିବା ୨ଟି ଟ୍ରକ୍‌କୁ ତହସିଲ ପକ୍ଷରୁ ଜବତ କରାଯାଇଛି। ଦୁଇଟି ଟ୍ରକ୍ ଖୁଣ୍ଟା ଖୁଦୁପୁଟୁଳି ଅଞ୍ଚଳରୁ ପଥର ବୋଝେଇ କରି ବୈଶିଙ୍ଗା ଅଭିମୁଖେ ଯାଉଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଗୋପବନ୍ଧୁନଗର ତହସିଲଦାର ସଂଗ୍ରାମ କେଶରୀ ଭୋଳ ଚଢ଼ାଉ କରିଥିଲେ। ଦୁଇ ଟ୍ରକ୍‌ରୁ ୨୫ ହଜାର ଲେଖାଏ ମୋଟ ୫୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ତହସିଲଦାର ଭୋଳ କହିଛନ୍ତି।



## ସଂକ୍ଷେପରେ

### ଦୁଇ ନାମାଙ୍କନ ନାକଚ

କେନ୍ଦୁଝର, ୯।୩ (ସ୍ୱ.ପ୍ର.): କେନ୍ଦୁଝରରେ ପୌରନିର୍ବାଚନ ପାଇଁ ବୁଧବାର ପ୍ରାର୍ଥୀପତ୍ର ଯାଞ୍ଚ କରାଯାଇଛି। କେନ୍ଦୁଝରଗଡ଼ ପୌରପାଳିକାରେ ଦୁଇ ଜଣ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ ହୋଇଥିବା ଜଣାପଡିଛି। ସତ୍ୟପାଠରେ ତ୍ରୁଟି ଯୋଗୁ ନାକଚ ହୋଇଥିବା ଜଣାପଡିଛି। ସେମାନେ ହେଲେ ୧୮ ନମ୍ବର ଓାର୍ଡ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିବା ସ୍ୱାଧୀନ ପ୍ରାର୍ଥୀ ଲିପି ପଟ୍ଟନାୟକ ଓ ଅନ୍ୟ ଜଣେ କଂଗ୍ରେସ ଦଳର ୧୪ ନମ୍ବର ୱାର୍ଡ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିବା ପ୍ରାର୍ଥୀ ଗାୟତ୍ରୀ ମୁଖୀ। ଏନେଇ କଂଗ୍ରେସ ଜିଲା ସଭାପତି ବିପ୍ଳବ ମିଶ୍ର କହିଛନ୍ତି, କଂଗ୍ରେସ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ ହୋଇନାହିଁ। ନାକଚ କରାଗଲେ ପ୍ରତିବାଦ କରାଯିବ। ଏନେଇ ଉପଜିଲାପାଳ ରାମଚନ୍ଦ୍ର କିସ୍କୁ କହିଛନ୍ତି, ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ନାମାଙ୍କନପତ୍ର ଠିକ ଭାବେ ଯାଞ୍ଚ କରାଯାଇଛି। ଫଳରେ ଏହାକୁ ବାଦ ଦେଲେ ୨୧ ୱାର୍ଡ ବିଶିଷ୍ଟ କେନ୍ଦୁଝରଗଡ ପୌରପରିଷଦ ପାଇଁ ସମୁଦାୟ୫ ଜଣ ନଗରପାଳ ଓ ୬୪ ଜଣ କାଉନ୍‌ସିଲରଙ୍କ ପ୍ରାର୍ଥୀ ପତ୍ର କାୟମ ରହିଛି । ନାମ ପ୍ରତ୍ୟାହୃତ ହେବା ପରେ ନିର୍ବାଚନ ମଇଦାନରେ କେଉଁ ମାନେ ଲଢ଼ିବେ ସ୍ପଷ୍ଟ ଜଣାପଡିବ। ଚଳିତ ବର୍ଷ ନଗରପାଳ ପଦବୀ ପାଇଁ ସିଧାସଳଖ ଲଢେଇ ହେଉଥିବାରୁ ନିର୍ବାଚନ ରାଜନୀତି ଅଧିକ ସରଗରମ ହୋଇପଡିଛି। ଏହି ନିର୍ବାଚନରେ ବିଜେଡି, ଭାଜପା, କଂଗ୍ରେସ ବ୍ୟତୀତ ଆମ ଆଦମୀ ପାର୍ଟି, ଜେଏମ୍ଏମ୍, ବହୁଜନ ସମାଜବାଦୀ ପାର୍ଟି ପ୍ରାର୍ଥୀ ଦେଇଥିବାବେଳେ ଅନେକ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନରେ ଅବତୀର୍ଣ୍ଣ ହୋଇଛନ୍ତି ।

### ଗୁଳି ଫୁଟାଇ ଲୁଟ୍ ଘଟଣା: ଅଭିଯୁକ୍ତ ଗିରଫ

ପଦ୍ମପୁର, ୯।୩ (ଡି.ଏନ.ଏ.): ଭଦ୍ରକ ଜିଲା ସାବରଙ୍ଗ ଥାନା ବରାଙ୍ଗ ପେଟ୍ରୋଲ ପମ୍ପ ଛକ ନିକଟରେ ଗତ ଜାନୁୟାରୀରେ ଦୁର୍ବୃତ୍ତମାନେ ଗୁଳି ଫୁଟାଇ ଭଦ୍ରକ ପୁରୁଣାବଜାର ଅଞ୍ଚଳର ଜଣେ ବିସ୍କୁଟ ବ୍ୟବସାୟୀଙ୍କଠାରୁ ୨୨ ହଜାର ଟଙ୍କା ଲୁଟ୍ କରିଥିଲେ। ଏହି ଘଟଣାରେ ସାବରଙ୍ଗ ଥାନା ପୋଲିସ ବୁଧବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କ୍ଷୀରସାହି ଅଞ୍ଚଳର ଦୀପକ କୁମାର ସ୍ୱାଇଁ। ତାଙ୍କ ନିକଟରୁ ଏକ ପିସ୍ତଲ, ୩ ରାଉଣ୍ଡ ଗୁଳି, ଗୋଟିଏ ମ୍ୟାଗାଜିନ୍, ୨ ଖଣ୍ଡା, ଏକ ଖେଳନା ପିସ୍ତଲ, ସ୍ପ୍ରିଂ ଯୁକ୍ତ ରଡ୍, ୫ ମନିପର୍ସ, ନଗଦ ୨୭ ହଜାର ଟଙ୍କା, ଜଣେ ବିହାରୀ ବ୍ୟକ୍ତିଙ୍କ ଆଧାର କାର୍ଡ ଇତ୍ୟାଦି ପୋଲିସ ଜବତ କରିଛି।

### ଚାନ୍ଦକୁସୁମୀରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ

ଭୋଗରାଇ, ୯।୩(ଡି.ଏନ.ଏ.): ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଚାନ୍ଦକୁସୁମୀ ଗ୍ରାମରେ ଦୁଇଦିନ ଧରି ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗାଁର ଆଦିଦେବୀ ମା’ଚଣ୍ଡୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ମା’ ଦଶଭୁଜାଙ୍କ ମୃଣ୍ମୟ ମୂର୍ତ୍ତି ସ୍ଥାପନ ନିମନ୍ତେ ଶତାଧିକ ମହିଳାଙ୍କ କଳସ ଶୋଭାଯାତ୍ରା, ପୂଜାର୍ଚ୍ଚନା, ଭକ୍ତି ନୈବେଦ୍ୟ ସହ ମା’ଙ୍କୁ ଆରାଧନା କରିଥିଲେ। ଭଜନ, କୀର୍ତ୍ତନ, ଶଙ୍ଖନାଦ, ଝାଲି, ଘଣ୍ଟା, ସାହାନାଇ ବାଦ୍ୟରେ ଗାଁ ପରିବେଶ ମୁଖରିତ ହୋଇଥିଲା। ବୁଧବାର ସମୂହ ଗ୍ରାମବାସୀଙ୍କ ପକ୍ଷରୁ ଠାକୁର ଶ୍ରୀଗୌରାଙ୍ଗ ଓ ଶ୍ରୀ ନିତ୍ୟାନନ୍ଦଙ୍କ ଉଦ୍ଦେଶ୍ୟରେ ଏକ ଅନ୍ନ ମହୋତ୍ସବ ଆୟୋଜନ ହୋଇଥିଲା। ଏହି ମହୋତ୍ସବରେ ଆଖପାଖ ଗ୍ରାମର ସାହସ୍ରାଧିକ ଶ୍ରଦ୍ଧାଳୁ ଭୋଜନ କରିଥିଲେ। ଗ୍ରାମର ସୁଶୀଳ କୁମାର ଜେନା ଓ ଗଦାଧର ଭଦ୍ର ମନ୍ଦିର ନିର୍ମାଣ ଏବଂ ମୂର୍ତ୍ତିଦାନ କରିଥିଲେ।

### ୪ ପୌରାଧ୍ୟକ୍ଷ, ୮୫ କାଉନ୍‌ସିଲର ପ୍ରାର୍ଥୀପତ୍ର କାଏମ୍

ବାସୁଦେବପୁର,୯।୩(ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ଅଧକ୍ଷ ପଦ ପାଇଁ ଦାଖଲ ହୋଇଥିବା ୪ ପ୍ରାର୍ଥୀପତ୍ର କାଏମ୍ ରହିଛି। ସେହିପରି ୮୭ କାଉନ୍‌ସିଲର ପ୍ରାର୍ଥୀପତ୍ରରୁ ୮୫ଟି କାଏମ୍ ରହିଥିବା ବେଳେ ୨ଟି ନାକଚ ହୋଇଯାଇଥିବା ସୂଚନା ମିଳିଛି।

# ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତିବାଦରେ ଧାରଣା

ବାଲିଆପାଳ, ୯।୩(ସ୍ୱ.ପ୍ର.)

ବାଲିଆପାଳରେ ଅଘୋଷିତ ବିଦ୍ୟୁତକାଟ୍ ଓ ଅହେତୁକ ଶୁଳ୍କ ବୃଦ୍ଧି ପ୍ରତିବାଦରେ ବାଲିଆପାଳ ସୂଚନା ଅଧିକାର ଅଭିଯାନ, ବାଲିଆପାଳ ଆମ୍ବେଦକର ବିଚାର ମଞ୍ଚ, ଗଣଚେତନା ମଞ୍ଚ କାଳିପଦାର ସଦସ୍ୟମାନେ ମିଳିତ ଭାବେ ବୁଧବାର ବାଲିଆପାଳ ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଜାମଶୂଳୀ ଏସ୍‌ଡିଓ ସୁଶାନ୍ତ ବାରିକ ବାଲିଆପାଳ ବିଦ୍ୟୁତ କାର୍ଯ୍ୟାଳୟର ଆସିଷ୍ଟାଣ୍ଟ ମ୍ୟାନେଜର ସଂଗ୍ରାମ କେଶରୀ ସାହୁଙ୍କଠାରୁ ଘଟଣା ସମ୍ପର୍କରେ ଅବଗତ ହୋଇଥିଲେ। ସେ ଜାମଶୂଳି ଇଲେକ୍ଟ୍ରିକାଲ ଆସିଷ୍ଟାଣ୍ଟ ମ୍ୟାନେଜର ରାଜେନ୍ଦ୍ର ନାୟକଙ୍କ ସହିତ ବାଲିଆପାଳରେ ପହଞ୍ଚି ଧାରଣାକାରୀଙ୍କ ସହିତ ଆଲୋଚନା କରିଥିଲେ। ବାଲିଆପାଳ ତହସିଲଦାର ଦୀପକ କୁମାର ଦାସ, ବାଲିଆପାଳ ଥାନା ଭାରପ୍ରାପ୍ତ ଅଧିକାରୀ ପର୍ଶୁରାମ ସାହୁ ଘଟଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କ ଠାରୁ ଦାବିପତ୍ର ଗ୍ରହଣ କରିଥିଲେ। ଉକ୍ତ ଘଟଣାରେ ତହସିଲଦାରଙ୍କ ହସ୍ତକ୍ଷେପ ପରେ ଧାରଣାକାରୀମାନେ ଧାରଣାରୁ ଓହରିଯାଇଥିଲେ। ଆଗାମୀ ଦିନରେ ଏହାର ସମାଧାନ ନ ହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି।



ବିଭିନ୍ନ ସଙ୍ଗଠନ ପକ୍ଷରୁ ଧାରଣା ଦିଆଯାଇଛି।

# ମରଣାନ୍ତକ ଆକ୍ରମଣ ମାମଲାରେ ୫ବର୍ଷ ଜେଲ

କେନ୍ଦୁଝର, ୯।୩ (ସ୍ୱ.ପ୍ର.):

କେନ୍ଦୁଝର ଚିଫ ଜୁଡିସିଆଲ ମାଜିଷ୍ଟ୍ରେଟ ରଞ୍ଜୁଲତା ଲେଙ୍କା ଏକ ମରଣାନ୍ତକ ଆକ୍ରମଣ ଘଟଣାର ବୁଧବାର ରାୟ ଶୁଣାଇ ଅଭିଯୁକ୍ତ ଲଛମନ ପରିଡାଙ୍କୁ ୫ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ କୁହାଯାଇଥିବା ସରକାରୀ ବରିଷ୍ଠ ଆଇନଜୀବୀ ଅଶୋକ କୁମାର ଦାସ ସୂଚନା ଦେଇଛନ୍ତି।

ଘଟଣାରୁ ପ୍ରକାଶ ଯେ, ୨୦୧୪ ମସିହା ମେ’ ୨୮ ତାରିଖ ମଧ୍ୟାହ୍ନରେ ପଣ୍ଡାପଡା ଥାନା ଅନ୍ତର୍ଗତ ଖୁଦପଶି ଗ୍ରାମର ଅଲେଖ ପରିଡା ପୋଖରୀରୁ ଗାଧୋଇ ଫେରୁଥିବାବେଳେ ପୂର୍ବ ଶତ୍ରୁତାକୁ ନେଇ ଉକ୍ତ ଗ୍ରାମର ଲଛମନ ଓ ତାଙ୍କ ପୁଅ ଶାନ୍ତନୁ ତାଙ୍କ ଉପରକୁ ପଥର ପକାଇ ଆକ୍ରମଣ କରିଥିଲେ। ଏହାର ପ୍ରତିରୋଧ କରିବାରୁ ଲଛମନ ଧରିଥିବା ବନ୍ଧୁକରୁ ଅଲେଖଙ୍କ ଉପରକୁ ଗୁଳି ଚଳାଇଥିଲେ। ଏଥିରେ ଅଲେଖ ଗୁରୁତର ହୋଇ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ବଡ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ଏନେଇ ଅଲେଖଙ୍କ ସ୍ତ୍ରୀ କୌତୁକୀ ପଣ୍ଡାପଡା ଥାନାରେ ଏତଲା ଦେଇଥିଲେ। ପଣ୍ଡାପଡା ପୋଲିସ ଏକ ମାମଲା (ନଂ ୩୩/୨୦୧୪) ରୁଜୁ କରି ଲଛମନ ଏବଂ ଶାନ୍ତନୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବୁଧବାର ୧୩ ଜଣ ସାକ୍ଷୀ ଓ ପୋଲିସ ତଦନ୍ତ ରିପୋର୍ଟକୁ ଆଧାର କରି ସିଜେଏମ କୋର୍ଟ ଲଛମନଙ୍କୁ ୫ବର୍ଷ କାରାଦଣ୍ଡ ସହିତ ୨ହଜାର ଟଙ୍କା ଜରିମାନା ଆଦେଶ ଶୁଣାଇଛନ୍ତି। ପ୍ରମାଣ ଅଭାବରୁ କୋର୍ଟ ଶାନ୍ତନୁଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛି।

# ଭାଜପା ପ୍ରାର୍ଥୀଙ୍କ ନାମାଙ୍କନକୁ ନେଇ ବିବାଦ

## ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ବିଜେଡି କର୍ମୀ

ଆନନ୍ଦପୁର,୯।୩(ସ୍ୱ.ପ୍ର.):

କେନ୍ଦୁଝର ଜିଲା ଆନନ୍ଦପୁର ପୌରପରିଷଦ ନିର୍ବାଚନ ପାଇଁ ବୁଧବାର ଯାଞ୍ଚ ପ୍ରକ୍ରିୟା ରହିଥିଲା। ଯାଞ୍ଚ ପ୍ରକ୍ରିୟା ପରେ ୧୪ ନଂ ୱାର୍ଡର ଭାଜପା ପ୍ରାର୍ଥୀଙ୍କ ନାମାଙ୍କନ ପତ୍ରରେ ତ୍ରୁଟି ଥିବା ଏବଂ ତାଙ୍କ ପ୍ରାର୍ଥୀପତ୍ରକୁ ନାକଚ କରିବା ଦାବିରେ ବିଜେଡି କର୍ମୀମାନେ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ସହିତ କାର୍ଯ୍ୟାଳୟ ଘେରାଉ କରିଥିଲେ। ପ୍ରାର୍ଥୀତ୍ୱରେ ରହିଥିବା ତ୍ରୁଟି ସମ୍ପର୍କରେ ଉପଜିଲାପାଳ ତଥା ନିର୍ବାଚନ ଅଧିକାରୀ ଗୋପିନାଥ କୁଅଁରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସୂଚନାଯୋଗ୍ୟ ୧୪ ନଂ ୱାର୍ଡ, ଜ୍ୟୋତ୍ସ୍ନାରାଣୀ ଖୁଣ୍ଟିଆ ଯାହାଙ୍କର ୨୯ନଂ ବୁଥ ଭୋଟର କ୍ରମିକ ସଂଖ୍ୟା ୮୧୯ ରହିଛି। ସେ ଭାଜପା ପକ୍ଷରୁ କାଉନ୍‌ସିଲ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ନାମାଙ୍କନ ପତ୍ର ଦାଖଲ ସମୟରେ ଭାଜପା ପକ୍ଷରୁ ମିଳିଥିବା ଦଳୀୟ ଟିକେଟ୍ ମଧ ଦାଖଲ କରିଥିଲେ। ସେ ଦାଖଲ କରିଥିବା ଦଳୀୟ ଟିକେଟରେ ତାଙ୍କ ନାମ ଜ୍ୟୋତ୍ସ୍ନାରାଣୀ ସାହୁ ରହିଛି। ଯାହାକୁ ନେଇ ୧୪ ନଂ ୱାର୍ଡର ବିଜେଡି କର୍ମୀମାନେ ବିରୋଧ କରିଥିଲେ। ଏଭଳି ତ୍ରୁଟିପୂର୍ଣ୍ଣ ପ୍ରାର୍ଥୀପତ୍ରକୁ ନାକଚ କରିବା ଦାବିରେ ବିଜେଡି କର୍ମୀ ରଞ୍ଜନ କୁମାର ସାହୁ, ମନ୍ମଥ କୁମାର ସାହୁ, ସିଦ୍ଧାର୍ଥ ସାହୁ, ନିରଞ୍ଜନ ସାହୁ, ରଞ୍ଜନ କୁମାର ସାହୁ ପ୍ରମୁଖ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ ପତ୍ର ଦାଖଲ କରିଛନ୍ତି।

## ଜଳେଶ୍ୱର ପୌରପାଳିକା: ୧୭ ୱାର୍ଡରେ ୨୦, ୦୫୯ ଭୋଟର

ଜଳେଶ୍ୱର, ୯।୩ (ଡି.ଏନ.ଏ.)

ଆସନ୍ତା ପୌରପାଳିକା ନିର୍ବାଚନରେ ବାଲେଶ୍ୱର ଜିଲା ଜଳେଶ୍ୱରର ୧୭ଟି ୱାର୍ଡର ୨୦, ୦୫୯ ମତଦାତା ସେମାନଙ୍କ ମତସାବ୍ୟସ୍ତ କରିବେ। ଏଥିରେ ୯୯୯୫ ପୁରୁଷ ଓ ୧୦୦୬୨ ମହିଳା ଭୋଟର ଅଛନ୍ତି । ୧ନଂ. ୱାର୍ଡର ଭୋଟକେନ୍ଦ୍ର ଝାଡେଶ୍ୱରପୁର ଉପ୍ରା ବିଦ୍ୟାଳୟ, ୨ନଂ. ୱାର୍ଡର ଭୋଟକେନ୍ଦ୍ର ଅବକାରୀ କାର୍ଯ୍ୟାଳୟ, ୩ନଂ. ୱାର୍ଡର ଭୋଟକେନ୍ଦ୍ର ଶେଖବାର୍ଡ ଉ.ପ୍ରା. ବିଦ୍ୟାଳୟ ସ୍ଥିର ହୋଇଛି । ୪ନଂ. ୱାର୍ଡ ଲାଗି ଭୋଟକେନ୍ଦ୍ର ପଥରପୁରା ଉ.ପ୍ରା. ବିଦ୍ୟାଳୟ, ୫ନଂ. ୱାର୍ଡ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, ୬ନଂ. ୱାର୍ଡ ଜଳେଶ୍ୱର ମଇ ବିଦ୍ୟାଳୟ, ୭ନଂ. ୱାର୍ଡ ବିଦ୍ୟାଧରପୁର ଉ.ପ୍ରା. ବିଦ୍ୟାଳୟ, ୮ନଂ. ୱାର୍ଡ ପଞ୍ଚୁଘଣ୍ଟା ୟୁଜିଏମ୍‌ଇରେ ଭୋଟ ଗ୍ରହଣ ହେବାର ବ୍ୟବସ୍ଥା ହୋଇଛି। ୯ନଂ. ୱାର୍ଡର ମଙ୍ଗଳାତଳା ଉ.ପ୍ରା. ବିଦ୍ୟାଳୟ, ୧୦ନଂ. ୱାର୍ଡ ଶାନ୍ତିଆ ଉ.ପ୍ରା. ବିଦ୍ୟାଳୟ, ୧୧ନଂ. ୱାର୍ଡ ଜଳେଶ୍ୱର ମଇ ବିଦ୍ୟାଳୟ, ୧୨ନଂ. ୱାର୍ଡ ଜଳେଶ୍ୱର ଉଚ୍ଚ ବିଦ୍ୟାଳୟ, ୧୩ନଂ. ୱାର୍ଡ ନନ୍ଦିକା ଉ.ପ୍ରା. ବିଦ୍ୟାଳୟ, ୧୪ନଂ. ୱାର୍ଡ ଚୂଡ଼ାମଣିପୁର ଉ.ପ୍ରା. ବିଦ୍ୟାଳୟରେ ଭୋଟ ଦେବାର ବ୍ୟବସ୍ଥା ହୋଇଛି । ସେହିପରି ୧୫ନଂ. ୱାର୍ଡ ନହଞ୍ଜାରାସ୍ଥିତ ଗୟାସୁର ନୋଡାଲ ବିଦ୍ୟାଳୟ, ୧୬ନଂ. ୱାର୍ଡ ଅଲାଲପୁର ମହାବିଦ୍ୟାଳୟ ଓ ୧୭ନଂ. ୱାର୍ଡ ଚକବିଷ୍ଣୁ ଉପ୍ରା ବିଦ୍ୟାଳୟରେ ମତଦାନ ହେବାର ବ୍ୟବସ୍ଥା ହୋଇଛି।

# ଇଲେଭେନ ଷ୍ଟାର, ଜେସିସି ଭଦ୍ରକ ସେମିରେ

## ରାଜ୍ୟସ୍ତରୀୟ ବିମ୍ବାଧର ସାହୁ ସ୍ମାରକୀ କ୍ରିକେଟ

ଭଣ୍ଡାରିପୋଖରୀ,୯।୩ (ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ ସ୍ଥିତ ଡାକ୍ତରଖାନା ଖେଳପଡ଼ିଆରେ ବୁଧବାର ମହାବୀର ଯୁବକ ସଂଘ ଦ୍ୱାରା ଆୟୋଜିତ ୨୮ତମ ରାଜ୍ୟସ୍ତରୀୟ ବିମ୍ବାଧର ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଅତିଥି ଭାବେ ଜିଲା ପରିଷଦ ସଭ୍ୟ ବଦ୍ରିନାରାୟଣ ରାଉତ, ଯୁବକ ସଂଘ ସଭାପତି ଗୋପୀନାଥ ନାୟକ, ତରଣୀସେନ ସାହୁ, ଦିପ୍ତୀସୂର୍ଯ୍ୟ ବିଶ୍ୱାଳ ଓ ରୁକ୍ମଣୀ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ୪ ଟିମ୍ ଭାଗ ନେଇଥିଲେ। ଜେସିସି ଭଦ୍ରକ ଓ ଇଲେଭେନ ଷ୍ଟାର ଯାଜପୁର ସେମିଫାଇନାଲରେ ପ୍ରବେଶ କରିଛି।

ଜେସିସି ଭଦ୍ରକ ଓ ସୂର୍ଯ୍ୟଶିଖା ଭଦ୍ରକ ମଧ୍ୟରେ ପ୍ରଥମ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଜେସିସି ଟସ୍ ଜିତି ୨୭ ଓଭରରେ ୭ ଉଇକେଟ୍ ହରାଇ ୨୭୧ ରନ୍ କରିଥିଲା। ସୂର୍ଯ୍ୟଶିଖା ୧୬ ଓଭରରେ ୧୩୭ ରନ୍ କରି ଅଲ୍‌ଆଉଟ ହୋଇଥିଲା। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ କ୍ଷମାସାଗର ବଳଙ୍କୁ ପୁରସ୍କୃତ କରାଯାଇଥିଲା। ବାଲାବାବା ଟିମ୍ କେନ୍ଦ୍ରାପଡ଼ା ଓ ଇଲେଭେନ ଷ୍ଟାର ଯାଜପୁର ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡ଼ା ଟିମ୍ ଟସ୍ ଜିତି ୧୫ ଓଭରରେ ୭ ଉଇକେଟ ହରାଇ ୯୯ ରନ୍ କରିଥିଲା। ଇଲେଭେନ ଷ୍ଟାର ୧୩.୩ ଓଭରରେ ୬ ଉଇକେଟ ହରାଇ ୧୦୦ ରନ୍ କରି ବିଜୟୀ ହୋଇଥିଲା। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ଅଭିଳାଷ ରାଉତରାୟଙ୍କୁ ପୁରସ୍କୃତ କରାଯାଇଥିଲା। ଚିନ୍ମୟ କୁମାର ସେନାପତି ଓ କାଳନ୍ଦୀ ଚରଣ ପଣ୍ଡା ଅମ୍ପାୟାର, ସନ୍ତୋଷ ଖଣ୍ଡାୟୀ, ଅଜୟ ବାରିକ ଏବଂ ମାନସ ପଣ୍ଡା ସ୍କୋରର ଥିଲେ।

# କାଜୁ ଉଦ୍ୟାନ ପରିଦର୍ଶନ କଲେ କେନ୍ଦ୍ରୀୟ ପ୍ରତିନିଧି

କୁଳିଅଣା,୯।୩(ସ୍ୱ.ପ୍ର)

ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ ଅଧୀନ ଚାନ୍ଦୁଆ ପଂଚାୟତରେ ଥିବା କାଜୁ ଜଙ୍ଗଲକୁ କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ଇ. ବିଶେଶ୍ୱର ଟୁଡୁ ମଙ୍ଗଳବାର ପରିଦର୍ଶନ କରିଛନ୍ତି। କାଜୁ ଉଦ୍ୟାନ ଓ ବିଭିନ୍ନ ଉଦ୍ୟାନ ସମ୍ପର୍କରେ ଉନ୍ନତିକରଣ ନିମନ୍ତେ ବିଭାଗୀୟ କର୍ମଚାରଙ୍କ ସହ ଆଲୋଚନା କରିଛନ୍ତି। ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଆସିଥିବା ଚାଷୀମାନଙ୍କୁ ଉଦ୍ୟାନ ବିଭାଗ ବିଷୟରେ ଦିଗଦର୍ଶନ ଦେବା ସହ ସେମାନଙ୍କର ସୁବିଧା ଅସୁବିଧା ପଚାରି ବୁଝିଛନ୍ତି। ପରିଦର୍ଶନ ସମୟରେ ସରକାରୀ ଉଦ୍ୟାନ ଅଧିକାରୀ ଦିଲ୍ଲୀପ କୁମାର ମୁର୍ମୁ ଠାକୁର , ଉଦ୍ୟାନ ଅଧିଦର୍ଶକ ସୁରେଶ ଚନ୍ଦ୍ର ସିଂ, ଉଦ୍ୟାନ କୃଷି ସଂପ୍ରସାରଣ ଅଧିକାରି ସଂଗ୍ରାମ କେଶରୀ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ ।


କେନ୍ଦ୍ରମନ୍ତ୍ରୀ ଇ. ବିଶେଶ୍ୱର ଟୁଡୁ କାଜୁ ଉଦ୍ୟାନ ପରିଦର୍ଶନ କରୁଛନ୍ତି।

# ୯ କାଉନସିଲର ପ୍ରାର୍ଥୀପତ୍ର ନାକଚ

ଧାମନଗର,୯।୩

ନୂଆ କରି ଗଠିତ ଧାମନଗର ଏନ୍‌ଏସି ନିର୍ବାଚନ ପାଇଁ ବୁଧବାର ପ୍ରାର୍ଥୀପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ଅଧକ୍ଷ ପଦ ପାଇଁ କୌଣସି ନାମାଙ୍କନ ନାକଚ ହୋଇ ନ ଥିବା ବେଳେ ୯ ଜଣ କାଉନସିଲର ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଯାଇଛି। ଯାଞ୍ଚ ପରେ ମୋଟ ଅଧକ୍ଷ ପଦରେ ୫ଜଣ ଥିବାବେଳେ କାଉନସିଲର ପଦ ପାଇଁ ୪୦ ଜଣ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଏନ୍‌ଏସି ଅଧିକାରୀ ଯତିନ୍ଦ୍ର ମିଶ୍ର କହିଛନ୍ତି।

# ମହିଳା ଦିବସରେ ‘ସଂଗ୍ରାମର ସ୍ୱର’ ଉନ୍ମୋଚିତ



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ବାଲେଶ୍ୱର ଅଫିସ, ୯।୩

ବାଲେଶ୍ୱର ଉତ୍କଳ ମହିଳା ସମିତି ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳନ ଅବସରରେ ବନ୍ଦନା ବିଶ୍ୱାସଙ୍କ କବିତା ପୁସ୍ତକ ‘ସଂଗ୍ରାମର ସ୍ୱର’ ଉଠା ଜଳସେଚନ କର୍ମଚାରୀ ଭବନରେ ଉନ୍ମୋଚିତ ହୋଇଯାଇଛି। ସମାଜରେ ଘଟୁଥିବା ସମସ୍ତ ଅନ୍ୟାୟ, ଅତ୍ୟାଚାର ଓ ଅବିଚାର ବିରୋଧରେ କବିତାଗୁଡ଼ିକରେ ବିଦ୍ରୋହର ସ୍ୱର ସ୍ପଷ୍ଟ ଉଚ୍ଚାରିତ ହୋଇଛି ବୋଲି ପତ୍ରିକାକୁ ଉନ୍ମୋଚନ କରି ଅତିଥିମାନେ ମତ ଦେଇଥିଲେ। ସମାଜସେବୀ ସରସ୍ୱତୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଆଇନଜୀବୀ ପ୍ରଭାକର ସାହୁ, ନମିତା ବାରିକ, ରଞ୍ଜିତା ମହାନ୍ତି, ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ, ସୀତାରାମ ପ୍ରଧାନ, ଆଲୋକ ଦାସ, ସକିନା ବାନୁ, ନିରଞ୍ଜନ ପରିଡ଼ା, ମନୋଜ କିଶୋର ମାଝି ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ବିଶ୍ୱ ମହିଳା ଦିବସ ପାଳନର ତାତ୍ପର୍ଯ୍ୟ ଓ ପ୍ରକାଶିତ କବିତା ପୁସ୍ତକ ଉପରେ ସେମାନଙ୍କ ମତ ପ୍ରଦାନ କରିଥିଲେ। ଯତୀନ ପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ କ୍ରିଷ୍ଣା ସାହା ଧନ୍ୟବାଦ ଦେଇଥିଲେ।

# ଜିଲା ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ: ସରିଲା ପ୍ରାର୍ଥୀପତ୍ର ଦାଖଲ

ବାରିପଦା ଅଫିସ,୯।୩

ମୟୂରଭଞ୍ଜ ଜିଲା ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଆସନ୍ତା ୨୬ ତାରିଖରେ ଅନୁଷ୍ଠିତ ହେବ। ବିଭିନ୍ନ ପଦ ପାଇଁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଛି। ସଭାପତି ପଦ ପାଇଁ ଦୁଇଜଣ ପ୍ରାର୍ଥୀ ପ୍ରଦୀପ କୁମାର ରଥ ଓ ପ୍ରବୀର କୁମାର ବସା, ଉପସଭାପତି ଲାଗି ସତ୍ୟବ୍ରତ ମହାନ୍ତି, ମନୋରଞ୍ଜନ ପରିଛା ଓ ସୁଜାତା ମିଶ୍ର, ସମ୍ପାଦକ ପାଇଁ ବିପ୍ଳବ ବାରିକ, ବସନ୍ତ କୁମାର ଭୋଳ ଓ ନରୋତ୍ତମ ପାଣିଗ୍ରାହୀ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି ଯୁଗ୍ମ ସମ୍ପାଦକ ପାଇଁ ଜଣେ ମାତ୍ର ପ୍ରାର୍ଥୀ ସ୍ୱରୂପ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ (ପ୍ରଶାସନ) ଲାଗି ତିନିଜଣ ପଙ୍କଜ କୁମାର ମହାକୁଡ, କୃଷ୍ଣଚନ୍ଦ୍ର ମହାନ୍ତି ଓ ଶାନ୍ତନୁ କୁମାର ପାଲ, ଯୁଗ୍ମ ସମ୍ପାଦକ(ପାଠାଗାର) ପାଇଁ ତିନିଜଣ ମୃତ୍ୟୁଞ୍ଜୟ ସିଂହ, କୈଳାସ ପ୍ରସାଦ ସାହୁ ଓ ପାର୍ବତୀମଣି ବାରିକ, କୋଷାଧ୍ୟକ୍ଷ ଲାଗି ଦୁଇଜଣ ଲିଙ୍ଗରାଜ ମିଶ୍ର ଓ ଅରବିନ୍ଦ ସାହୁ ନାମାଙ୍କନ ଦଖଲ କରିଛନ୍ତି।

ଏଥିସହ ୮ କାର୍ଯ୍ୟନିର୍ବାହୀ ସଦସ୍ୟ ନିମନ୍ତେ ୧୨ଜଣ ରାଜୀବ ଲୋଚନ ପ୍ରଧାନ, ସତ୍ୟବାନ ପାଲ, ଅଶୋକ କୁମାର ପଣ୍ଡା, ସରୋଜ କୁମାର ସି, ଦୁଷ୍ମନ୍ତ କୁମାର ଦାଶ, ସ୍ୱପ୍ନା ମହାନ୍ତି, ମାନସ ରଞ୍ଜନ ବେହେରା, କୁମାରୀ ବବିତା ବେହେରା, ବିଜୟ କୁମାର ଦତ୍ତ, ଜ୍ଞାନ ରଞ୍ଜନ ଜେନା, ସୁଶାନ୍ତ ପଣ୍ଡା ଓ ସାଧୁ ମୁର୍ମୁ ପ୍ରାର୍ଥୀପତ୍ର ଦାଖଲ କରିଥିବା ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜୀବୀ ଶାନ୍ତନୁ କୁମାର ଦାସ ପ୍ରକାଶ କରିଛନ୍ତି। ଆସନ୍ତା ୧୧ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଦିବସ ଧାର୍ଯ୍ୟ ହୋଇଛି।

DSPL-419

ବିଶ୍ୱ ଗ୍ଲୁକୋମା (କଳାମୋତିଆ) ସପ୍ତାହ
୬ -୧୨ ମାର୍ଚ୍ଚ,୨୦୨୨

ଗ୍ଲୁକୋମା(କଳାମୋତିଆ)ର ନିୟନ୍ତ୍ରଣ ଓ ସଚେତନତା ପାଇଁ ପ୍ରତି ବର୍ଷ “ବିଶ୍ୱ ଗ୍ଲୁକୋମା ସପ୍ତାହ” ପାଳନ କରାଯାଉଅଛି । ଉପଯୁକ୍ତ ସଚେତନତା ଓ ଡାକ୍ତରୀ ଚିକିତ୍ସା ଦ୍ୱାରା ଏହି ରୋଗକୁ ନିୟନ୍ତ୍ରଣ କରାଯାଇପାରିବ ।

‘‘ସୁନ୍ଦର ବିଶ୍ୱକୁ ଦେଖିବା ତେବେ, ଦୃଷ୍ଟି ସୁରକ୍ଷିତ ରହିବ ଯେବେ’’

- କଳାମୋତିଆ ବା ଗ୍ଲୁକୋମାରେ ଆକ୍ରାନ୍ତ ହେଲେ ଆଖି ଭିତରର ସ୍ନାୟୁଗୁଡିକ ନଷ୍ଟ ହୋଇ ରୋଗୀ ସବୁଦିନ ପାଇଁ ସମ୍ପୂର୍ଣ୍ଣ ଅନ୍ଧ ହୋଇଯାଇଥାଏ ।
- ଏଥିରେ ଆରମ୍ଭରୁ ପ୍ରାୟ କିଛି ଲକ୍ଷଣ ଦେଖାଯାଇନଥାଏ । ତେବେ କେତେକ କ୍ଷେତ୍ରରେ ବଲବ୍ ଚାରିପଟେ ରଙ୍ଗୀନ ଗୋଲ ଦେଖାଯିବା, ଆଖିରେ ଯନ୍ତ୍ରଣା ବା ମୁଣ୍ଡବିନ୍ଧିବା ଇତ୍ୟାଦି ଲକ୍ଷଣ ପ୍ରକାଶ ପାଇଥାଏ ।
- ସାଧାରଣତଃ ୪୦ ବର୍ଷ ବା ତଦୁର୍ଦ୍ଧ ଲୋକମାନଙ୍କୁ (ବିଶେଷ କରି ଯାହାଙ୍କ ପରିବାରରେ କଳାମୋତିଆ ରୋଗ ଥିବାର ପ୍ରମାଣ ଥିବ) ବା ଯେଉଁମାନେ ଡାଇବେଟିସ୍, ରକ୍ତଚାପ ଆଦି ରୋଗରେ ପୀଡିତ ଥିବେ ସେମାନଙ୍କୁ ଏହି ରୋଗ ହେବାର ସମ୍ଭାବନା ଅଧିକ ଥାଏ ।
- ୪୦ ବର୍ଷ ବା ତଦୁର୍ଦ୍ଧ ପ୍ରତ୍ୟେକ ବ୍ୟକ୍ତି କଳାମୋତିଆ ପାଇଁ ଚକ୍ଷୁପରୀକ୍ଷା ନିଶ୍ଚୟ କରାଇ ନିଅନ୍ତୁ ଓ ଆବଶ୍ୟକ ସ୍ଥଳେ ନିୟମିତ ଚିକିତ୍ସାରେ ରୁହନ୍ତୁ ।
- କଳା ମୋତିଆର ଚିହ୍ନଟ ସରକାରୀ ଚକ୍ଷୁଚିକିତ୍ସା କେନ୍ଦ୍ରମାନଙ୍କରେ ଉପଲବ୍ଧ ।

ସଠିକ୍ ଚିହ୍ନଟ, ସଠିକ୍ ଉପଚାର, କଳାମୋତିଆକୁ ନଥିବ ଡର ।

ସର୍ବଦା କରୋନା ସମ୍ବନ୍ଧୀୟ ସତର୍କତା ନିଶ୍ଚୟ ପାଳନ କରନ୍ତୁ
ଯୋଗ୍ୟ ବ୍ୟକ୍ତି କରୋନା ଟୀକା ନିଶ୍ଚୟ ନିଅନ୍ତୁ ।

ଅଧିକ ସୂଚନା ପାଇଁ ନିକଟସ୍ଥ ଆଶା,ସ୍ୱାସ୍ଥ୍ୟକର୍ମୀ କିମ୍ବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ ।

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
OIPR-10003/13/0151/2122

## ଯାଞ୍ଚରେ କଟିଲା ୨ କାଉନ୍‌ସିଲର ପ୍ରାର୍ଥୀଙ୍କ ନାମାଙ୍କନପତ୍ର

**ବାରିପଦା ଅଫିସ:** ମୟୂରଭଞ୍ଜ ଜିଲା ବାରିପଦା ପୌର ପରିଷଦର ୨୮ ୱାର୍ଡ ନିର୍ବାଚନ ଲାଗି ଦାଖଲ ହୋଇଥିବା ନାମାଙ୍କନପତ୍ର ଯାଞ୍ଚ ପ୍ରକ୍ରିୟା ବୁଧବାର ଶେଷ ହୋଇଛି। ୨ ୱାର୍ଡ କାଉନ୍‌ସିଲର ପ୍ରାର୍ଥୀଙ୍କ ନାମାଙ୍କନ ନାକଚ ହୋଇଥିବା ବେଳେ ୧୩୯ ଜଣଙ୍କର କାଏମ୍ ରହିଛି। ସେହିପରି ବାରିପଦା ପୌରାଧ୍ୟକ୍ଷ ପାଇଁ ଦାଖଲ କରିଥିବା ୧୭ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ୍ ରହିଥିବା ପୌର ନିର୍ବାଚନ ଅଧିକାରୀ ତଥା ବାରିପଦା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ବସନ୍ତ କୁମାର ସେଠୀ କହିଛନ୍ତି।

## ସଂକ୍ଷେପରେ

### ଚୋରା ବାଲି ଚାଲାଣ ଗାଡ଼ିକୁ ଜରିମାନା

**ପାଟଣା, ୯।୩ (ସ୍ୱ. ପ୍ର.):** କେନ୍ଦୁଝର ଜିଲା ପାଟଣା ତହସିଲ ପକ୍ଷରୁ ମଙ୍ଗଳବାର ଚଢ଼ାଉ କରି ବେଆଇନ ବାଲି ଚାଲାଣ କରୁଥିବା ୪ ଗାଡିରୁ ମୋଟ ୫୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ପାଟଣା ତହସିଲଦାର ତାପସ ରଞ୍ଜନ ଦେହୁରୀ ସୂଚନା ଦେଇଛନ୍ତି। ପାଟଣା ତହସିଲ ଅନ୍ତର୍ଗତ ଟାଙ୍ଗରପଡା ନିକଟରୁ ୨ ଟ୍ରାକ୍ଟର ଏବଂ ଗୋଟିଏ ହାଇୱା ଠାରୁ ପାଟଣା ଅତିରିକ୍ତ ତହସିଲଦାର ଶରଣ କୁମାର ଜେନା ଓ ଏନଫୋର୍ସ ମେଣ୍ଟ ଟିମ ମିଶି ଚଢ଼ାଉ କରି ୩୦ ହାଜର ଟଙ୍କା ଜରିମାନା ଆଦାୟ କରିଥିବା ବେଳେ ତହସିଲଦାର ୪୯ ନମ୍ବର ଜାତୀୟ ରାଜପଥ ଖୀରେଇଟାଙ୍ଗିରୀ ନିକଟରେ ଏକ ଡମ୍ଫରରୁ ୨୦ ହଜାର ଟଙ୍କା ଆଦାୟ କରିଛନ୍ତି।

### ସବାଇଘାସ, ଡୋକ୍ରା ଶିଳ୍ପ ବିକାଶ ତାଲିମ

**ବାରିପଦା ଅଫିସ,୯।୩:** ମୟୂରଭଞ୍ଜ ଜିଲା ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଆନୁକୂଲ୍ୟରେ କଳା, ଶିଳ୍ପର ବିକାଶ ନିମନ୍ତେ ଓଡ଼ିଶା ସରକାରଙ୍କ ଓଏମ୍‌ବିଡିସି ସହାୟତାରେ ୧୦ ଦିନିଆ ତାଲିମ ଶିବିର ଆରମ୍ଭ ହୋଇଛି। ସବାଇ ଘାସ, ଡୋକ୍ରା ଶିଳ୍ପର ବିକାଶ ଏବଂ ବିବିଧକରଣ ଉପରେ ତାଲିମ ପ୍ରଦାନ କରାଯାଉଛି। ୮ ତାରିଖରୁ ଏହି ଶିବିର ଆରମ୍ଭ ହୋଇଥିବା ବେଳେ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଗୋହାଳଡିହି ଓ ରାଣୀବନ୍ଧଠାରେ ଚାଲିବ। ୫୦ଜଣ କାରିଗର ଦୁଇଟି ଲେଖାଏ ଦଳରେ ଅଂଶଗ୍ରହଣ କରିଛନ୍ତି। ପ୍ରକଳ୍ପ ଟିମ୍ ଲିଡର ଶ୍ୱେତା ମିଶ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସବାଇ ଘାସର ବିବିଧକରଣ ଉପରେ ଦେବାଶିଷ ରଥ ଓ ଡୋକ୍ରା ଶିଳ୍ପ ନିମନ୍ତେ ମୃତ୍ୟୁଞ୍ଜୟ କୁମାର ପ୍ରଶିକ୍ଷକ ଭାବେ କାରିଗରମାନଙ୍କୁ ଉନ୍ନତମାନର କୌଶଳ ଶିକ୍ଷା ପ୍ରଦାନ କରୁଛନ୍ତି। ବିଭାଗୀୟ ଅଧିକାରୀ ଚିନ୍ତାମଣି ମହାପାତ୍ର, ଶିବପ୍ରସାଦ ପାତ୍ର ଓ ବୁଧୁରାମ ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଛନ୍ତି। ପ୍ରକାଶ ଥାଉକି, କଳା ଓ ଶିଳ୍ପର ବିକାଶ ନିମନ୍ତେ ରାଜ୍ୟର ୪ ଜିଲା ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର ଓ ସୁନ୍ଦରଗଡ଼ରେ ଏହା କାର୍ଯ୍ୟକାରୀ ହେଉଛି।

### ପୁରୁଣା କୋର୍ଟ ମାର୍କେଟ କମ୍ପ୍ଲେକ୍ସ ଉଚ୍ଛେଦ

**ଜଳେଶ୍ୱର, ୯।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ପୁରୁଣା କୋର୍ଟ ମାର୍କେଟ କମ୍ପ୍ଲେକ୍ସକୁ ଉଚ୍ଛେଦ କରାଯାଇଛି। ଜଳେଶ୍ୱର ନୂଆବଜାର ନିକଟରେ ୪୫ନଂ. ରେଳ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ଜଳେଶ୍ୱର କୋର୍ଟକୁ ୬୦ନଂ. ଜାତୀୟ ରାଜପଥ ନିକଟକୁ ସ୍ଥାନାନ୍ତର କରାଯାଇଛି। ସେଠାରେ କୋର୍ଟ କାର୍ଯ୍ୟ ଚାଲୁଥିଲେ ମଧ ପୁରୁଣା କୋର୍ଟକୁ ଲାଗି ମାର୍କେଟ କମ୍ପ୍ଲେକ୍ସ ଉଚ୍ଛେଦ ହୋଇ ନ ଥିଲା। ତେଣୁ ଓଭରବ୍ରିଜ୍ କଡେକଡେ ରାସ୍ତା ନିର୍ମାଣ ହେଉ ନ ଥିବାରୁ ରେଳ ଓଭରବ୍ରିଜ୍ କାର୍ଯ୍ୟରେ ବିଳମ୍ବ ଘଟୁଥିଲା। ଏନେଇ ଠିକାଦାର ପୂର୍ତ୍ତବିଭାଗ ଏବଂ ଜିଲା ପ୍ରଶାସନକୁ ବାରମ୍ବାର ଲେଖିଥିଲେ ମଧ ତାହା ହୋଇପାରି ନ ଥିଲା। ଶେଷରେ ସମସ୍ତ ଅପେକ୍ଷାର ଅନ୍ତ ଘଟାଇ ବୁଧବାର ମାର୍କେଟ କମ୍ପ୍ଲେକ୍ସ ଜବରଦଖଲକୁ ହଟାଇ ଦିଆଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ନବୀନ ଜିନ୍ଦଲଙ୍କ ଜନ୍ମଦିନରେ ଫିଟ୍‌ନେସ ଦିବସ

**ଯୋଡ଼ା,୯।୩(ଡି.ଏନ.ଏ.):** ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର (ଜେଏସ୍‌ପି)ର ଅଧକ୍ଷ ନବୀନ ଜିନ୍ଦଲଙ୍କ ଜନ୍ମଦିନକୁ କମ୍ପାନୀ ପକ୍ଷରୁ ବୁଧବାର ଫିଟନେସ ଦିବସ ଭାବେ ପାଳନ କରାଯାଇଛି। ଏହି ଅବସରରେ ଶାରୀରିକ ସୁସ୍ଥତା ସମ୍ପର୍କରେ ଅଧିକ ସଚେତନତା ସୃଷ୍ଟି କରିବା ପାଇଁ ବଡ଼ବିଲ ପ୍ଲାଣ୍ଟ ତଥା ଟେନ୍‌ସା ଏବଂ କାଶିଆ ଖଣି ଠାରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୋଭିଡ କଟକଣାକୁ ମାନି କମ୍ପାନୀର କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗ ଯୋଗ ଦେଇଥିଲେ। ନିକଟସ୍ଥ କାଶିଆ ତଥା ଆଖପାଖ ଗ୍ରାମବାସୀଙ୍କ ପାଇଁ ଏକ ହେଲଥ କ୍ଲିନିକର ଆୟୋଜନ କରାଯାଇଥିଲା। ଏଥିରେ ପ୍ରାୟ ୩୦୦ରୁ ଅଧିକ ଲୋକ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଥିଲେ। ଏହି କାର୍ଯ୍ୟକ୍ରମରେ କମ୍ପାନୀର ଉପସଭାପତି ତଥା ପିଲେଟ ଓ ଆଇରନ ଓର ବ୍ୟବସାୟ ମୁଖ୍ୟ ଆଶିଷ ପାଣ୍ଡେ ଯୋଗ ଦେଇ କହିଥିଲେ ଯେ, ଜୀବନ ଧାରଣ ମାନରେ ଉନ୍ନତି ଆଣିବା ପାଇଁ ଶାରୀରିକ ସୁସ୍ଥତା ବହୁ ଗୁରୁତ୍ୱପୂର୍ଣ୍ଣ। ଏହି କାର୍ଯ୍ୟକ୍ରମକୁ ଚମ୍ପୁଆ ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ଜିଲା ପରିଷଦ ସଦସ୍ୟା ଜୟନ୍ତୀ ବାନରା ମଧ ଏଥିରେ ଉପସ୍ଥିତ ଥିଲେ। ବୁଧବାର ବଡ଼ବିଲ ପ୍ଲାଣ୍ଟ କଲୋନୀ ରେ ଆୟୋଜିତ ୱାକାଥନ କାର୍ଯ୍ୟକ୍ରମରେ ପ୍ରାୟ ୨୦୦ ଜଣ ଭାଗ ନେଇଥିଲେ। ଟେନସାଠାରେ ମଧ କାର୍ଯ୍ୟକ୍ରମ ମାଧମରେ ଯୋଗର ବାର୍ତ୍ତା ଦିଆଯିବା ସହ ନବୀନ ଜିନ୍ଦଲଙ୍କ ଉଦ୍ଦେଶ୍ୟରେ ସତ୍ୟନାରାୟଣ ପୂଜାର୍ଚ୍ଚନା କରାଯାଇଥିଲା।

# ଦବୁଛି ରାସ୍ତା, ପ୍ରଶାସନର ନିଘା ନାହିଁ

■ ହେଉନି ସ୍ଥାୟୀ ମରାମତି
■ ଆନ୍ଦୋଳନ ଚେତାବନୀ ଦେଲେ ସ୍ଥାନୀୟ ଲୋକେ

**ଆରଡ଼ି, ୯।୩ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ସାଠିବାଙ୍କୁଡ଼ା ଓ ବୋଡ଼କର ମଧ୍ୟବର୍ତ୍ତୀ ସ୍ଥାନରେ ୨୦ ନଂ. ଜାତୀୟ ରାଜପଥରେ ମାସକ ତଳେ ପ୍ରାୟ ୫୦ ଫୁଟ୍‌ର ରାସ୍ତା ଦବିଥିଲା। ଏଥିସହ ୧୦୦ ଫୁଟ୍‌ର ଫାଟ ସୃଷ୍ଟି ହୋଇଥିଲା। ଏହି ସ୍ଥାନରେ ବାରମ୍ବାର ରାସ୍ତା ଦବି ଏହା ପାର୍ଶ୍ୱ ବୈତରଣୀ ନଦୀରେ ମିଶିବାକୁ ବସିଛି। କୁଆଖିଆରୁ ସାତଭାୟା ଏହି ରାଜପଥରେ ଆରଡ଼ିଠାରୁ ଯାଜପୁର, କଟକ ଓ ଭୁବନେଶ୍ୱରକୁ ପ୍ରତିଦିନ ଶତାଧିକ ଛୋଟ ବଡ଼ ଯାନ ଚଳାଚଳ କରୁଛି। ରାସ୍ତା ଦବିବା ସ୍ଥାନରେ କେହି ବ୍ୟକ୍ତି ମାଟି ପକାଇ ଫାଟ ବନ୍ଦ କରିବାକୁ ଉଦ୍ୟମ କରିଥିଲେ। ଏହାମଧରେ ରାସ୍ତାର ଗୋଟିଏ ପାର୍ଶ୍ୱ ନଦୀରେ ମିଶିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲେ ବି ବିଭାଗ ପକ୍ଷରୁ ମରାମତି କରାଯାଉ ନାହିଁ। ଫଳରେ ଉକ୍ତ ସ୍ଥାନରେ ଧନ ଜୀବନ ହାନି ଘଟିବାର ଆଶଙ୍କା ପ୍ରକାଶ କରିଛନ୍ତି ସ୍ଥାନୀୟ ଲୋକେ।

ପ୍ରତିବର୍ଷ ଗୋଟିଏ ସ୍ଥାନରେ ବାରମ୍ବାର ରାସ୍ତା ଦବୁଥିବା ବେଳେ ଠିକ୍ ଭାବେ ତଥା ସ୍ଥାୟୀ ମରାମତି କରାଯାଉ ନ ଥିବା ଯୋଗୁ ଏଭଳି ସ୍ଥିତି ସୃଷ୍ଟି ହେଉଛି। ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିଲେ ବି କୌଣସି ସୁଫଳ ମିଳିପାରୁ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏବେ ରାସ୍ତାର ଏଭଳି ଅବସ୍ଥା ନେଇ ବୋଡ଼କ, ସାଠିବାଙ୍କୁଡ଼ା, ଓଳଗ ଆଦି ଗ୍ରାମର ଅଧିବାସୀ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏବେଠୁ ରାସ୍ତା ମରାମତି ନ ହେଲେ ଆଗକୁ ବର୍ଷାଦିନେ ବହୁ ସମସ୍ୟା ଉପୁଜିବ। ତୁରନ୍ତ ରାସ୍ତାର ଟେଣ୍ଡର କରାଯାଇ ସ୍ଥାୟୀ ମରାମତି କରା ନ ଗଲେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଅପଣାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଜେଇ ଶୁଭସ୍ମିତା ପାଣିଙ୍କୁ ପଚାରିବାରୁ ବର୍ଷାଦିନ ପୂର୍ବରୁ ଟେଣ୍ଡର କରାଯାଇ ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି।


ରାସ୍ତା ବୈତରଣୀ ନଦୀ ଆଡ଼କୁ ଧସି ଯାଇଛି।

# ଘରକୁ ଫେରିଲେ ଅର୍ଚ୍ଚନା


ପରିବାର ଲୋକଙ୍କ ସହ ଅର୍ଚ୍ଚନା କର।

**ଭଦ୍ରକ ଅଫିସ,୯।୩**

ରୁଷ୍ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବା ପରେ ସେମାନେ ଅତ୍ୟନ୍ତ ଭୟଭୀତ ଅବସ୍ଥାରେ ଥିଲେ। ତାଙ୍କ ସହ ଓଡ଼ିଶାରୁ ଶତାଧିକ ଛାତ୍ରୀଛାତ୍ର ଫସି ରହିଥିଲେ। ୭ଦିନ ଧରି ବଙ୍କର ଭିତରେ ବହୁ କଷ୍ଟରେ ରହିଥିଲେ। ଏପରିକି ଦୁଇଦିନ ନ ଖାଇ ନ ପିଇ ଉପାସରେ ରହିବାକୁ ପଡ଼ିଥିଲା। ସେଠାରେ କିଭଳି ଏୟାର ଷ୍ଟ୍ରାଇକ ହେଉଥିଲା ଓ ଲୋମଟାଙ୍କୁରା ଅନୁଭୂତି ପରିବାର ଲୋକଙ୍କ ଆଗରେ ବଖାଣିଛନ୍ତି ମଙ୍ଗଳବାର ରାତିରେ ୟୁକ୍ରେନ୍‌ରୁ ଘରକୁ ଫେରିଥିବା ଭଦ୍ରକ ବନ୍ତ ଛକ ଅଞ୍ଚଳର ଅର୍ଚ୍ଚନା କର। ବନ୍ତ ଛକ ନିକଟରେ ରହୁଥିବା ଉମାକାନ୍ତ କରଙ୍କ ଝିଅ ଅର୍ଚ୍ଚନା ସେଠାରେ ମେଡିକାଲ ପାଠ୍ୟକ୍ରମର ପ୍ରଥମ ବର୍ଷର ଛାତ୍ରୀ ଥିଲେ। ସେ ଗତ ଡିସେମ୍ବର ୫ରେ ୟୁକ୍ରେନ୍ ଯାଇଥିଲେ। ଶେଷରେ ଭାରତ ସରକାରଙ୍କ ମିଶନ ଗଙ୍ଗା ଜରିଆରେ ଦେଶକୁ ଫେରିବାର ସୁଯୋଗ ପାଇଥିଲେ। ୭ ଦିନର ଯାତ୍ରା ପରେ ମଙ୍ଗଳବାର ରାତିରେ ଘରେ ପହଞ୍ଚିଛନ୍ତି। ଅର୍ଚ୍ଚନାଙ୍କୁ ଦେଖି ପରିବାରରେ ଖୁସିର ଲହରୀ ଖେଳିଯାଇଛି। ଏଥିପାଇଁ ତାଙ୍କ ମା’ ଉର୍ମିଳା କର ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଲୋକାୟୁକ୍ତ ଟିମ୍‌ର ତଦନ୍ତ

**ଚାନ୍ଦବାଲି, ୯।୩(ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଖଦାଳପୋଖରୀ ଓ ଭାଟପଡ଼ା ପଞ୍ଚାୟତରେ ବିଭିନ୍ନ ସରକାରୀ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଗ୍ରାମବାସୀ ଜିଲାପାଳ, ବିଡିଓ ଓ ପଞ୍ଚାୟତିରାଜ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆ ନ ଯିବାରୁ ଲୋକାୟୁକ୍ତଙ୍କ ନିକଟରେ ପୁନଃ ଅଭିଯୋଗ କରାଯାଇଥିଲା। ଗ୍ରାମବାସୀଙ୍କ ଏହି ଅଭିଯୋଗକୁ ଭିତ୍ତିକରି ଦୁଇଟି ଟିମ୍ ଭାଟପଡ଼ା ଓ ଖଦାଳପୋଖରୀରେ ପହଞ୍ଚି ମଙ୍ଗଳବାରଠାରୁ ଆର୍ଥିକ ଅନିୟମିତତାର ତଦନ୍ତ ଆରମ୍ଭ କରିଛନ୍ତି।

ବୁଧବାର ଦ୍ୱିତୀୟ ଦିନରେ ଏହି ଟିମ୍ ଖଦାଳପୋଖରୀ ପଞ୍ଚାୟତରେ ପାଇଖାନା ନିର୍ମାଣରେ ହୋଇଥିବା ଅନିୟମିତତାର ତଦନ୍ତ କରିଛନ୍ତି। ଅଧିକାରୀମାନେ ଘର ଘର ବୁଲି ଯାଞ୍ଚ କରିଥିଲେ। ଚାନ୍ଦବାଲି ବ୍ଲକ ପକ୍ଷରୁ କର୍ମଚାରୀମାନେ ଉପସ୍ଥିତ ଥିବାରୁ ତଦନ୍ତ ବାଟବଣା ହୋଇପାରେ ବୋଲି ଗ୍ରାମବାସୀ ଆଶଙ୍କା କରିଛନ୍ତି।


ଜଣେ ଅଧିକାରୀ ଯାଞ୍ଚ କରୁଛନ୍ତି।

## ଧାରଣାରୁ ଉଠିଲେ ଚାଷୀ

**ବନ୍ତ, ୯।୩ (ସ୍ୱ.ପ୍ର.)**

ଲାମ୍ପ ଟୋକନ ପୁନଃ କାର୍ଯ୍ୟକ୍ଷମ ପ୍ରତିଶ୍ରୁତି

ଭଦ୍ରକ ଜିଲା ବନ୍ତ ବ୍ଲକ ପୁରୁଷଣ୍ଡି ସେବା ସମବାୟ ସମିତି ସମ୍ମୁଖରେ ସୋମବାରଠାରୁ ଚାଲିଥିବା ଚାଷୀମାନଙ୍କ ଧାରଣା ମଙ୍ଗଳବାର ସନ୍ଧ୍ୟାରେ ପ୍ରତ୍ୟାହୃତ ହୋଇଛି। ଧାନର ଅଭାବୀ ବିକ୍ରି ଓ ଟୋକନ୍ ଲାପ୍ସ ପ୍ରତିବାଦରେ ଚାଷୀମାନେ ଧାରଣାରେ ବସିଥିଲେ। ସୋମବାର ଆଲୋଚନା ବିଫଳ ହେବାରୁ ଧାରଣା ଜାରି ରହିଥିଲା। ମଙ୍ଗଳବାର ସନ୍ଧ୍ୟାରେ ଆଗରପଡ଼ା ଥାନାରେ ଥାନାଧିକାରୀ ସୁକାନ୍ତି କେରେଇ ଓ ସମିତି ସମ୍ପାଦକ ନିତ୍ୟାନନ୍ଦ ନାୟକଙ୍କ ସହ ଚାଷୀ ଅମୂଲ୍ୟରତ୍ନ ନନ୍ଦ, ଶିବାନନ୍ଦ ଦାଶ ଅଧିକାରୀ, ରାଜୀବ ଲୋଚନ ରାୟ ପ୍ରମୁଖ ଆଲୋଚନା କରିଥିଲେ। ୬ଶହ କୁଇଣ୍ଟାଲ ଧାନ ଟାର୍ଗେଟ ଆସିବା ପରେ ନିକଟରେ ଲାପ୍ସ ହେବାକୁ ଥିବା ଟୋକନ୍‌ରେ ଅଗ୍ରାଧିକାର ଭିତ୍ତିରେ ଧାନ କ୍ରୟ କରାଯିବ। ଲାପ୍ସ ହୋଇଥିବା ଟୋକନକୁ ପୁନଃ କାର୍ଯ୍ୟକ୍ଷମ କରାଯିବାକୁ ପ୍ରତିଶ୍ରୁତି ମିଳିବା ପରେ ଚାଷୀମାନେ ଧାରଣାରୁ ଉଠିଥିଲେ।

## ସାହିତ୍ୟ ସମାରୋହ, ସମ୍ବର୍ଦ୍ଧନା ସଭା

**ଖଇରା/ଔପଦା, ୯।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଔପଦା ବ୍ଲକ ଫତେପୁର ପଞ୍ଚାୟତ ହରିହରପୁର ଶାସନସ୍ଥ ଲୋକନାଥ ପାଠାଗାରର ୩୭ତମ ସାହିତ୍ୟ ସମାରୋହ ଓ ସମ୍ବର୍ଦ୍ଧନା ସଭା ରବିବାର ପାଠାଗାର ପ୍ରତିଷ୍ଠାତା ସମ୍ପାଦକ ରାଧାଶ୍ୟାମ ପଣ୍ଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାପକ ଉମେଶ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଘନଶ୍ୟାମ ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଦୀନବନ୍ଧୁ ଦାଶ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଗଣିତ ଅଧାପକ ବିଜୟ କୁମାର ପଣ୍ଡା ଯୋଗଦେଇ ଏହି ଆଧୁନିକ ଯୁଗରେ ସାହିତ୍ୟକୁ ଭଲପାଉଥିବା ଲୋକ ଖୁବ୍ କମ୍। ସାହିତ୍ୟ ଆମର ମାତୃଭାଷା ଏହାକୁ ଭୂଲି ନ ଯାଇ ସାହିତ୍ୟ ଏବଂ କଳା ସଂସ୍କୃତିକୁ ଆମ୍ଭମାନଙ୍କ ଜୀବନର ଏକ ଅଙ୍ଗ ପରି ଭାବି ମନେରଖିବା ପାଇଁ ସେ ଯୁବପିଢିମାନଙ୍କୁ ଆହ୍ୱାନ ଦେଇଥିଲେ। ଆଜି ଆମ ଭାରତ ଦେଶର ୩୩ ଭାଷା ମଧ୍ୟରୁ ଓଡିଆ ଭାଷା ସାହିତ୍ୟ ତାର ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ବୋଲି ଅତିଥିମାନେ ଉଲ୍ଲେଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ଖବରଦାତା ତଥା ଅନୁଷ୍ଠାନ କାର୍ଯ୍ୟକାରୀ ସମ୍ପାଦକ ଧନଞ୍ଜୟ ପଣ୍ଡା, ଅବସରପ୍ରାପ୍ତ ନୌସେନା ଅଧିକାରୀ ଉଦୟ କୁମାର ପଣ୍ଡା ଯୋଗଦେଇ ସାହିତ୍ୟ ସମାଜର ହିତସାଧନ କରିବା ସହିତ ସାହିତ୍ୟ ବିନା ଜୀବନର ମୂଲ୍ୟ ନାହିଁ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ମାତୃକୃପା ପୁସ୍ତକ ଉନ୍ମୋଚିତ କରାଯାଇଥିଲା। ୩୧ଜଣ ବରିଷ୍ଠ କବିସାହିତ୍ୟକ ଓ ଅନ୍ୟାନ୍ୟ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମ୍ପ୍ୟୁଟର ଅଧାପକ ଡ.ସଞ୍ଜୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ମୋତିଆବିନ୍ଦୁ ସଚେତନତା ଶୋଭାଯାତ୍ରା

**ବାଲେଶ୍ୱର ଅଫିସ, ୯।୩**

ବାଲେଶ୍ୱର ଲାୟନ୍ସ ଚକ୍ଷୁ ଚିକିତ୍ସା ଦ୍ୱାରା ବୁଧବାର ବିଶ୍ୱ ଗ୍ଲୁକୋମା (କଳା ମୋତିଆବିନ୍ଦୁ) ସପ୍ତାହ-୨୦୨୨ ଉପଲକ୍ଷେ ଏକ ସଚେତନତା ଶୋଭାଯାତ୍ରା ବାଲେଶ୍ୱର ସହର ପରିକ୍ରମା କରିଥିଲା।

ଗ୍ଲୁକୋମା ଚକ୍ଷୁ ସମସ୍ୟାର ଦ୍ୱିତୀୟ ପ୍ରମୁଖ କାରଣ ଅଟେ। ବିଶେଷ କରି ୫୦ବର୍ଷର ଊର୍ଦ୍ଧ୍ୱ ବ୍ୟକ୍ତିମାନଙ୍କଠାରେ ଦୃଷ୍ଟିଶକ୍ତି ଅକ୍ଷମତା ଦେଖାଦେଇଥାଏ। ସାଧାରଣ ଲୋକମାନେ ଚକ୍ଷୁର ଠିକ୍ ସମୟରେ ଉପଚାର ବିଷୟରେ ଅଧିକ ସଚେତନତା ସୃଷ୍ଟି କରିବା ପାଇଁ ଚକ୍ଷୁ ଚିକିତ୍ସା ଡାକ୍ତର ଚିନ୍ମୟୀ ପ୍ରଧାନ ଓ ଚିକିତ୍ସାଳୟ ଚେୟାରମ୍ୟାନ ସୁନୀଲ କୁମର ମୋଦିଙ୍କ ନେତୃତ୍ୱରେ କର୍ମଚାରୀ ଓ ପରିଚାରିକାମାନେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲେ। ଏଥିସହ ଗ୍ଲୁକୋମା ସମ୍ପର୍କରେ ସ୍ଲୋଗାନ ଓ ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା। ଆସନ୍ତା ୧୨ତାରିଖରେ ମାଗଣା କଳା ମୋତିଆବିନ୍ଦୁ ପରୀକ୍ଷା ଶିବିର ଓ ଔଷଧ ବଣ୍ଟନ କାର୍ଯ୍ୟକ୍ରମ ରହିଛି। ଏହି ଶୋଭାଯାତ୍ରାକୁ ଚିକିତ୍ସାଳୟ କର୍ମଚାରୀ ପ୍ରିୟଦର୍ଶୀ ସିଂହ ସାମନ୍ତ ଓ ଦେବବ୍ରତ ନନ୍ଦ ପରିଚାଳନା କରିଥିଲେ।



ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରୁଛି।

## ଓଡ଼ିଶୀନୃତ୍ୟରେ ଶ୍ୱେତାଙ୍କ ବସନ୍ତ ପଲ୍ଲବୀ ପରିବେଷଣ

**କେନ୍ଦୁଝର, ୯।୩ (ସ୍ୱ.ପ୍ର.)**



ଉତ୍କଳ ଯୁବ ସାଂସ୍କୃତିକ ସଂଘ କଟକ ପକ୍ଷରୁ ଆୟୋଜିତ ସ୍ଥାନୀୟ ଶାରଳା ଭବନରେ ଜାତୀୟ ବହୁ ଭାଷୀ ନୃତ୍ୟ ସମାରୋହ ଉତ୍ସବରେ କେନ୍ଦୁଝରର ବର୍ଷା ସଙ୍ଗୀତ ନୃତ୍ୟ ଅନୁଷ୍ଠାନର ଓଡ଼ିଶୀ ନୃତ୍ୟ ଶିଳ୍ପୀ ଶ୍ୱେତା ଦାସ ପୁରସ୍କୃତ ହୋଇଛନ୍ତି। ନୃତ୍ୟ ଗୁରୁ ତଥା ପିତା ଗୁରୁ ଦାସଙ୍କ ନିକଟରୁ ଓଡିଶୀ ନୃତ୍ୟ ଶିକ୍ଷା କରି ଏହି ଜାତୀୟ ସ୍ତରର ମହୋତ୍ସବରେ ଓଡ଼ିଶୀର ବସନ୍ତ ପଲ୍ଲବୀ ପରିବେଷଣ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଆୟୋଜକ ସିଲାଦିତ୍ୟ ରଥ ନୃତ୍ୟଶିଳ୍ପୀ ଏବଂ ନୃତ୍ୟ ଗୁରୁ ଗୁରୁଦାସଙ୍କୁ କାର୍ଯ୍ୟକ୍ରମରେ ସମ୍ମାନିତ କରିଥିଲେ। ସେ ପୂର୍ବରୁ ବିଭିନ୍ନ ସ୍ଥାନରେ ନୃତ୍ୟ ପରିବେଷଣ କରି ପୁରସ୍କୃତ ହେବା ସହ ସମ୍ମାନିତ ହୋଇଥିଲେ। ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଶ୍ୱେତା ଓଡିଶୀ ନୃତ୍ୟରେ ଚଣ୍ଡିଗଡ ବିଶ୍ୱ ବିଦ୍ୟାଳୟରୁ ୪ର୍ଥ ବର୍ଷ ପାସ କରିଛନ୍ତି।

# ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ପ୍ରସ୍ତୁତି

**କେନ୍ଦୁଝର, ୯।୩ (ସ୍ୱ.ପ୍ର./ଡି.ଏନ.ଏ.)**

ଚଳିତବର୍ଷ ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ମଙ୍ଗଳବାର ଜିଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲ୍ ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ଗ୍ରୀଷ୍ମଋତୁରେ ଯେମିତି ପାନୀୟ ଜଳର ସମସ୍ୟା ରହିବ ନାହିଁ, ଅଚଳ ନଳକୂପଗୁଡିକର ତୁରନ୍ତ ମରାମତି ଏବଂ ବସ୍ ଷ୍ଟାଣ୍ଡ, ସ୍କୁଲ୍ ଓ କଲେଜ୍ ତଥା ଜନଗହଳି ସ୍ଥାନ ଗୁଡ଼ିକରେ ପାନୀୟ ଜଳ କେନ୍ଦ୍ର ସ୍ଥାପନ ଉପରେ ଜିଲାପାଳ ଠାକରେ ଗୁରୁତ୍ୱାରୋପ କରି ସଂପୃକ୍ତ ଅଧିକାରୀଙ୍କୁ ବିହୀତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡିଏଫଓ ଏଚ୍.ଡି. ଧନରାଜ, ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗ୍ , ଅତିରିକ୍ତ ଜିଲାପାଳ (ରାଜସ୍ୱ) ଯଦୁମଣି ମହଲା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

## ମନ୍ଦିର ଚାରିପାଖରେ ବାଡ଼ ଦେଲେ ଗ୍ରାମବାସୀ

**ଖଇରା, ୯।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଜଳଙ୍ଗସ୍ଥିତ ପ୍ରସିଦ୍ଧ ଚଣ୍ଡି ମନ୍ଦିରର ସୁରକ୍ଷାକୁ ଦୃଷ୍ଟିରେ ରଖି ଚାରିପାଖରେ ବାଡ କରିବା ପାଇଁ ବହୁ ବର୍ଷ ଧରି ଦାବି ହୋଇଆସୁଥିଲା। ହେଲେ ଟ୍ରଷ୍ଟ କର୍ମକର୍ତ୍ତାଙ୍କ ଏହି ଦାବି ପୂରଣ ହୋଇ ପାରି ନ ଥିଲା। ବୁଧବାର ଟ୍ରଷ୍ଟର ସଭ୍ୟ ଓ ଗ୍ରାମବାସୀ ଏକାଠି ହୋଇ ୫ଶହ ଫୁଟର ବାଡ ବସାଇବାକୁ ସକ୍ଷମ ହୋଇଛନ୍ତି। ସରକାରଙ୍କ ତରଫରୁ ମିଳିଥିବା ୫ଲକ୍ଷ ଟଙ୍କାରେ ମନ୍ଦିର ସମ୍ମୁଖ ଓ ପାର୍ଶ୍ୱ ଭାଗରେ କାଦୁଅ ସ୍ଥାନକୁ ଢଳାଇ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଗ୍ରାମବାସୀ ମଜୁରି ନ ନେବାକୁ ସମ୍ମତି ପ୍ରଦାନ କରିଛନ୍ତି। ଟ୍ରଷ୍ଟ ଅଧକ୍ଷ ପ୍ରଫୁଲ୍ଲ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାଶୀନାଥ ଦାସ, ଭଗବାନ ଦାଶ, ମହେନ୍ଦ୍ର ଦାସ, ଶତ୍ରୁଘ୍ନ ଦାସ, ବେଣୁଧର ତିଆଡି ଓ ଉପେନ୍ଦ୍ର ତିଆଡି ସହଯୋଗ କରିଥିଲେ। ସରପଞ୍ଚ ମନ୍ଦାକିନୀ ଦାସ ଉପସ୍ଥିତ ରହି ଉତ୍ସାହିତ କରିଥିଲେ।

# ନାରୀ ସଶକ୍ତୀକରଣ ପରିବର୍ତ୍ତନର ଆଧାର

**ରୂପସା, ୯।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସଦର ବ୍ଲକ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା, ଯୁବ ରେଡ଼କ୍ରସ, ରୋଭର ଓ ରେଞ୍ଜର ଏବଂ ରାଜନୀତି ବିଜ୍ଞାନ ବିଭାଗର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ନାରୀ ସଶକ୍ତିକରଣ ପରିବର୍ତ୍ତନର ଆଧାର ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପ୍ରାଧାପକ ବସନ୍ତ କୁମାର ଭୋଇ ଅଧକ୍ଷତା କରିଥିଲେ। ବାଲେଶ୍ୱର କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ଗୌରାଙ୍ଗ ପଣ୍ଡା, ଡ. ତପନ କୁମାର ଦାସ, ଅଧାପିକା ପଦ୍ମିନୀ ନାୟକ ଓ ଡ. ଆରୁଣୀ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଭାରତୀୟ ସମାଜ ବ୍ୟବସ୍ଥାରେ ପ୍ରଚଳିତ ବିଚାରଧାରାରେ ସଂସ୍କାରମୂଳକ ପଦକ୍ଷେପ ମାଧମରେ ନାରୀଶକ୍ତିର ସୁଗୁଣାବଳୀର ବିକଶିତ କରି ଏକ ସଶକ୍ତ, ଅର୍ଥନୈତିକ ସୁଦୃଢ଼ ଓ ସଂସ୍କୃତିସମ୍ପନ୍ନ ସମୃଦ୍ଧିଶାଳୀ ସମାଜ ସୃଷ୍ଟି ମାଧମରେ ଦେଶର ସର୍ବାଙ୍ଗୀନ ବିକାଶ ସମ୍ଭବ ବୋଲି ମତପ୍ରକାଶ ପାଇଛି। ଅଧାପକ ଶମ୍ଭୁନାଥ ଗିରି, ପ୍ରବୀର କୁମାର ସାହୁ, ପ୍ରଭାକର ମହାଲିକ ଓ ନିରଞ୍ଜନ ମହାଲିକ ପ୍ରମୁଖ ପରିଚାଳନା କରିଥିଲେ। ପ୍ରୀତିପୁଷ୍ପା ସାହୁ ଧନ୍ୟବାଦ ଦେଇଥିଲେ।


ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

# ‘ପ୍ରତ୍ୟେକ ମଣିଷର ରହିଛି ସୁନ୍ଦର ଚିନ୍ତାଧାରା’

## ବାଲିଖଣ୍ଡ ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ

**ସିମୁଳିଆ, ୯।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବାଲିଖଣ୍ଡ ବରିଷ୍ଠ ନାଗରିକ ମଞ୍ଚର ଚତୁର୍ଥ ବାର୍ଷିକ ଉତ୍ସବ ସୋମବାର ବାଲିଖଣ୍ଡରେ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ନାଗରିକ ମଞ୍ଚର ସଭାପତି ସନାତନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିର ଅବସରପ୍ରାପ୍ତ ଭାଇସ୍‌ଚାନସେଲର ତଥା ସ୍ଥାନୀୟ ଅଞ୍ଚଳର ଡ. ସୁଧାକର ପଣ୍ଡା ଯୋଗଦେଇ ପ୍ରତ୍ୟେକ ମଣିଷ ମଧ୍ୟରେ ସୁନ୍ଦର ଚିନ୍ତାଧାରା ରହିଛି ଓ ବର୍ତ୍ତମାନର ଯୁବକମାନେ ଯାହା କରି ନ ପାରିବେ ତାହା ବୟସ୍କମାନେ କରିପାରିବେ ବୋଲି କହିଥିଲେ।

ମୁଖ୍ୟଅତିଥି ଭାବେ ଭଦ୍ରକ ଆଇଡିଏଫ୍‌ସି ବ୍ୟାଙ୍କର ଶାଖା ପରିଚାଳକ ମଳୟ ଦାସ ବକ୍ତବ୍ୟରେ ବୟସ୍କମାନେ ସମାଜସେବାର ମଙ୍ଗ ଧରିଥିବା କହିଥିଲେ। ସମ୍ମାନିତ ଅତିଥି ଚକ୍ରଧର ମିଶ୍ର ଅନ୍ତର୍ନିହିତ ଶକ୍ତି ଦ୍ୱାରା ସବୁ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଅନିରୁଦ୍ଧ ଦାସ, ଚନ୍ଦ୍ରଶେଖର ମହାନ୍ତି, ବିରେନ୍ଦ୍ର କୁମାର ପରିଡା, ବଙ୍କବିହାରୀ ରାଉତ, ସ୍ଥାନୀୟ ସରପଞ୍ଚ କାମିନୀଲତା ସେଠୀ, ବାଲିଖଣ୍ଡ କଲେଜର ଅଧାପକ ସୁଧିର ମୁଦୁଲି, କେନ୍ଦୁଝର ବଉଳା କଲେଜ ଅଧକ୍ଷ ଶିବଚରଣ ଖାମୁରାଇ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କୁ ମାନପତ୍ର, ଫୁଲତୋଡା ଓ ଉପଢୌକନ ଦ୍ୱାରା ‘ନାରାୟଣୀ ଉଗ୍ରେସନ’ ସମ୍ମାନରେ ସମ୍ମାନପ୍ରାପ୍ତ କରାଯାଇଥିଲା। ସେହିପରି ବିଭିନ୍ନ ୭ଟି ବିଦ୍ୟାଳୟର ବିଭିନ୍ନ ବିଭାଗରେ କୃତୀ ୭ଜଣ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା।

ଏହି ଅବସରରେ ସଫେଇ, ପତାକା ଉତ୍ତୋଳନ ଓ ସଭା ଆରମ୍ଭ ହୋଇଥିଲା। ବଙ୍କବିହାରୀ ରାଉତ ମଞ୍ଚ ଆମନ୍ତ୍ରଣ, ବିରେନ୍ଦ୍ର କୁମାର ପରିଡା ଅତିଥି ପରିଚୟ ପ୍ରଦାନ, ଆନନ୍ଦ ବିହାରୀ ପତ୍ରୀ ବେଦଧ୍ୱନି, ଶରତ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ମୁଖପତ୍ର ‘ଶତାୟୁ’ ଉନ୍ମୋଚିତ ହୋଇଥିଲା। ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ଅତିଥିମାନେ ମୁଖପତ୍ର ‘ଶତାୟୁ’ ଉନ୍ମୋଚନ କରୁଛନ୍ତି।

